# NATIONAL NEWS BULLETIN (ODIA)

**27 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଶୋକ

- ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଆମେରିକା, ବ୍ରାଜିଲ ଓ ଆଫଗାନିସ୍ତାନ ସମେତ ବିଶ୍ୱର ବିଭିନ୍ନ ନେତୃବୃନ୍ଦଙ୍କ ଗଭୀର ଶୋକ ପ୍ରକାଶ

- ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନର ପ୍ରଥମ ଇନିଂସରେ ୧୬୪ ରନ୍ ସ୍କୋର କରିଛି ଭାରତ

ଏବଂ

- ଆଇସିସି ଚମ୍ପିୟାନ୍‌ସିପ୍ ମହିଳା କ୍ରିକେଟ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଜାରି

---

## ମନମୋହନ ସିଂହ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଗତ ରାତିରେ ୯୨ ବର୍ଷ ବୟସରେ ପରଲୋକ ଘଟିଛି । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ

ସେ ଚିକିତ୍ସିତ ହେଉଥିଲେ । ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ଏମସ୍‌ରେ ଡକ୍ଟର ସିଂହ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗତକାଲି ସନ୍ଧ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ଚେତାଶୂନ୍ୟ ହୋଇପଡ଼ିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୂଆଦିଲ୍ଲୀ ଏମସ୍‌ର ଜରୁରୀ କାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା । ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରିନଥିଲା । ରାତି ୯ଟା ୫୧ ମିନିଟ୍‌ରେ ଏମସ୍ ପକ୍ଷରୁ ଶ୍ରୀ ସିଂହଙ୍କୁ ମୃତ ଘୋଷଣା କରାଯାଇଥିଲା । ଡକ୍ଟର ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ କିଛି ମାସ ହେବ ଖରାପ ରହିଥିଲା । ତାଙ୍କ ପରିବାରରେ ପତ୍ନୀ ଗୁରୁସରଣ କୌର ଓ ତିନି ଝିଅ ଅଛନ୍ତି ।

ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ୍ମା ରାଓଙ୍କ ଅଧୀନରେ ଅର୍ଥମନ୍ତ୍ରୀ ଥିବା ଡକ୍ଟର ସିଂହ ୧୯୯୧ ମସିହାରେ ଅର୍ଥନୈତିକ ଉଦାରିକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୁହାଯାଏ । ସେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରରେ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ଦୀର୍ଘ ୩୩ ବର୍ଷ କାର୍ଯ୍ୟ କରିବା ପରେ ସେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭାରୁ ଅବସର ନେଇଥିଲେ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସିଂହ ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

---

## ମନମୋହନ-୨

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ତା'ର ଅନ୍ୟତମ ବିଶିଷ୍ଟ ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି । ସେ କହିଛନ୍ତି, ସାଧାରଣ ମଣିଷଟିଏ କିଭଳି ପରିଶ୍ରମ ବଳରେ ଉଚ୍ଚ ସ୍ଥାନରେ ପହଞ୍ଚି ପାରନ୍ତି ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ହୋଇପାରନ୍ତି, ସେ କ୍ଷେତ୍ରରେ ଡକ୍ଟର ସିଂ ହେଉଛନ୍ତି ଉଦାହରଣ । ଶ୍ରୀ ମୋଦୀ କହିଛନ୍ତି, ଡକ୍ଟର ମନମୋହନ ସିଂ ଜଣେ ନମ୍ର ମଣିଷ, ମହାନ ଅର୍ଥନୀତିଜ୍ଞ ଓ ନେତା ଭାବରେ ମନେ ରହିବେ । ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଭି. ନରସିଂହରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଅର୍ଥମନ୍ତ୍ରୀ ଭାବେ ଡକ୍ଟର ସିଂ ଅର୍ଥନୈତିକ ଉଦାରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ସହ ଦେଶର ଆର୍ଥିକ ସଂକଟ ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**PM : V/O**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ' ମନମୋହନ ସିଂଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ’ ଡକ୍ଟର ମନମୋହନ ସିଂଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସେ ଅତ୍ୟନ୍ତ ନମ୍ର ଓ ଭାରତୀୟ ଅର୍ଥନୀତିର ଦିଗ୍‌ଦର୍ଶକ ଥିଲେ ।

**Kovind : V/O**

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଜେପି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଦେଶର ଅଗଣିତ ଜନତାଙ୍କର ଜୀବନରେ ପରିବର୍ତ୍ତନ ଆଣିଥିବା ନେତାଙ୍କୁ ହରାଇ ଦେଶ ଗଭୀର ଶୋକ ପ୍ରକାଶ କରୁଛି । ଉଭୟ ରାଜନୈତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଡକ୍ଟର ସିଂହଙ୍କ ଅନୁପସ୍ଥିତି ଅନୁଭୂତ ହେବ ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଡକ୍ଟର ସିଂଙ୍କ ନିଧନ ସହ ଦେଶ ଜଣେ ଅର୍ଥନୈତିକ ସଂସ୍କାରକଙ୍କୁ ହରାଇଲା ।

କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର କହିଛନ୍ତି, ଡକ୍ଟର ସିଂ ଦେଶକୁ ବିକାଶର ନୂଆ ଦିଗ ପ୍ରଦାନ କରିଥିଲେ ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ’ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ସେ ଡକ୍ଟର ସିଂଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅର୍ଥନୈତିକ ସଂସ୍କାରକୁ ଦେଶ ସ୍ୱୀକାର କରିଛି ।

ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ଡକ୍ଟର ସିଂହ ଜଣେ ନମ୍ର ଓ ଦୂରଦର୍ଶୀ ବ୍ୟକ୍ତିତ୍ୱ ଥିଲେ, ଯିଏ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଆକାର ପ୍ରଦାନ କରିଥିଲେ ।

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ’ ଡକ୍ଟର ସିଂଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କୁ ଆମ ସମୟର ଜଣେ ମହାନ ଅର୍ଥନୀତିଜ୍ଞ, ନେତା, ସଂସ୍କାରକ ଏବଂ ମାନବିକତାବାଦୀ ବୋଲି କହିଛନ୍ତି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବାର୍ତ୍ତାରେ କହିଛନ୍ତି, ଡକ୍ଟର ସିଂଙ୍କ ନିଷ୍ଠା ଏବଂ ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ ।

କଂଗ୍ରେସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାର୍ଥିବ ଶରୀରକୁ ଆସନ୍ତାକାଲି ନୂଆଦିଲ୍ଲୀ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯିବ । ସେଠାରେ ସାଧାରଣ ଲୋକେ ତାଙ୍କ ପ୍ରତି ଶେଷ ଦର୍ଶନ କରିବେ । ଆସନ୍ତାକାଲି ଡକ୍ଟର ସିଂଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡ଼ିଛି ।

---

# ମନମୋହନ-ଫରେନ

ପଡ଼ୋଶୀ ଦେଶ ସମେତ ବିଶ୍ୱନେତାମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜଣେ ବିରଳ ରାଜନେତା ଓ ଦୂରଦର୍ଶୀ ନେତା ଭାବରେ ତାଙ୍କ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଛନ୍ତି ।

ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ତାଙ୍କ ଦେଶ ପକ୍ଷରୁ ଭାରତବାସୀଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ସେ ଡକ୍ଟର ସିଂଙ୍କୁ ଭାରତ-ଆମେରିକା ସମ୍ପର୍କର ଜଣେ ଗୁରୁତ୍ୱପୂର୍ଣ୍ଣ ସ୍ଥାପକ ଭାବରେ

ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଗତ ଦୁଇଦଶନ୍ଧି ମଧ୍ୟରେ ଭାରତ ଓ ଆମେରିକା ଯେଉଁ ସଫଳତା ହାସଲ କରିଛନ୍ତି, ଡକ୍ଟର ସିଂ ତାହାର ମୂଳଦୁଆ ସ୍ଥାପନ କରିଥିଲେ ।

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଦା ସିଲ୍ଭା' ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଆଇବିଏସ୍ଏ ଆଲୋଚନାମଞ୍ଚ ଏବଂ ବ୍ରିକ୍ସ ସମୂହର ସ୍ଥାପନାରେ ଡକ୍ଟର ସିଂଙ୍କ ଯୋଗଦାନକୁ ସ୍ମରଣ କରିଛନ୍ତି । ସେ କହିଛନ୍ତି ମନମୋହନ ସିଂ ତାଙ୍କର ବନ୍ଧୁ ଥିଲେ ଏବଂ ନିରପେକ୍ଷ ବିଶ୍ୱ ଗଠନ ଦିଗରେ ଉଭୟ ନେତା ମିଳିତ ଭାବରେ କାର୍ଯ୍ୟ କରିଥିଲେ ।

ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ କର୍ଜାଇ' ମନମୋହନ ସିଂଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରି' ଭାରତ ଜଣେ ମହାନ ସନ୍ତାନକୁ ହରାଇଛି ବୋଲି କହିଛନ୍ତି । ସେ କହିଛନ୍ତି, ଡକ୍ଟର ସିଂ ଆଫଗାନିସ୍ତାନବାସୀଙ୍କ ବନ୍ଧୁଥିଲେ ।

ଡକ୍ଟର ସିଂଙ୍କ ବିୟୋଗରେ ମାଳଦୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ୍, ଭାରତରେ ରୁଷ୍ର ରାଷ୍ଟ୍ରଦୂତ ଡେନିସ୍ ଅଲିପୋବ, ନେପାଳ ବିଦେଶ ମନ୍ତ୍ରୀ ଡକ୍ଟର ଆରଜୁ ରାଣା ଦେଓବା ଏବଂ ମାଳଦୀପର ଡେମୋକ୍ରାଟିକ୍ ପାର୍ଟି ଅଧ୍ୟକ୍ଷ ଅବଦୁଲ୍ଲା ସାହିଦଙ୍କ ସମେତ ଫିନ୍ଲ୍ୟାଣ୍ଡ, କୋରିଆ ଏବଂ ନରୱେ ରାଜଦୂତ ଶୋକ ପ୍ରକାଶ କରିଛନ୍ତି ।

---

# ମନମୋହନ ସିଂ-୩

ଡକ୍ଟର ମନମୋହନ ସିଂଙ୍କ ଜୀବନ ଜନସେବା ଏବଂ ସମାଜର ଉନ୍ନତି ପାଇଁ ଉତ୍ସର୍ଗୀକୃତ ଥିଲା । ତାଙ୍କର ଦୀର୍ଘଦିନର ଯାତ୍ରା ଶୈକ୍ଷିକ

ଦକ୍ଷତା ଦ୍ୱାରା ପ୍ରତିଫଳିତ ହୋଇଥିଲା । ସେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ସ୍କୁଲ୍ ଅଫ୍ ଇକନମିକ୍ସରେ ଅଧ୍ୟାପନା କରିଥିଲେ । ୧୯୭୧ ମସିହାରେ ଡକ୍ଟର ସିଂ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟରେ ଅର୍ଥନୈତିକ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ । ପରେ ସେ ଅର୍ଥମନ୍ତ୍ରଣାଳୟର ମୁଖ୍ୟ ପରାମର୍ଶଦାତା ଏବଂ ସଚିବ, ଯୋଜନା ଆୟୋଗର ଉପାଧ୍ୟକ୍ଷ, ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । କେନ୍ଦ୍ର ଅର୍ଥମନ୍ତ୍ରୀ ଭାବରେ ଦେଶରେ ଆର୍ଥିକ ସଂସ୍କାର ଆଣିବା ଏବଂ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଏକ ରୂପ ଦେବା କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ମନରେଗା, ଆର୍‌ଟିଆଇ ଓ ଏନ୍‌ଏଫ୍‌ଏସ୍‌ଏ ଭଳି ଯୋଜନା ମାଧ୍ୟମରେ ସେ ନାଗରିକମାନଙ୍କୁ ଖାଦ୍ୟ ଅଧିକାର, ଶିକ୍ଷା ଅଧିକାର, କାର୍ଯ୍ୟ ଅଧିକାର ଏବଂ ସୂଚନା ଅଧିକାର ସୁନିଶ୍ଚିତ କରିଥିଲେ ।

ଦେଶର ଅର୍ଥନୈତିକ ସଂସ୍କାରଠାରୁ ଆରମ୍ଭ କରି ରାଜନୈତିକ ଇତିହାସରେ ସେ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି । ତିନିଦଶନ୍ଧିରୁ ଅଧିକ ସମୟ ଧରି ଡକ୍ଟର ସିଂଙ୍କର ରାଜନୈତିକ ଯାତ୍ରା ସମୟରେ ସେ ରାଜ୍ୟସଭାରେ ଗୃହର ନେତା ଏବଂ ବିରୋଧୀ ଦଳ ନେତା ଭାବରେ କାର୍ଯ୍ୟ କରିଥିଲେ । ୧୯୮୭ ମସିହାରେ ଡକ୍ଟର ସିଂଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ବିଭୂଷଣ** ପ୍ରଦାନ କରାଯାଇଥିଲା । ତାଙ୍କ କାର୍ଯ୍ୟ ଓ ଆର୍ଥିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ।

# କ୍ରିକେଟ୍-ବର୍ଡର ଗାଭାସ୍କର

ମେଲ୍‌ବର୍ଣ୍ଣଠାରେ ଚାଲିଥିବା ବଡର୍ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ତା'ର ପ୍ରଥମ ଇନିଂସରେ ୫ ୱିକେଟ୍ ହରାଇ ୧୬୪ ରନ୍ କରିଛି । ଆଜି ସକାଳେ ଅଷ୍ଟ୍ରେଲିଆ ପୂର୍ବଦିନର ସ୍କୋର ୩୧୧ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଅଷ୍ଟ୍ରେଲିଆ ସମସ୍ତ ୱିକେଟ୍ ହରାଇ ୪୭୪ ରନ୍ ସ୍କୋର କରିଛି । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ୮୨ରନ୍ ସ୍କୋର କରିଥିବା ବେଳେ ଯଶ୍‌ପ୍ରୀତ୍ ବୁମ୍‌ରା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

---

# ମହିଳା କ୍ରିକେଟ୍

ଆଇସିସି ଚମ୍ପିୟାନ୍‌ସିପ୍ ମହିଳା କ୍ରିକେଟ୍‌ର ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଜାରି ରହିଛି । ପ୍ରଥମେ ବ୍ୟାଟିଂକରି ୱେଷ୍ଟଇଣ୍ଡିଜ୍ ୩୮ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୬୨ ରନ୍ ସ୍କୋର କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୧୨ ଓଭର ୩ଟି ବଲ୍‌ରେ ୩ ୱିକେଟ୍ ହରାଇ ୭୩ ରନ୍ ସ୍କୋର କରିଛି ।

---